# NATIONAL NEWS BULLETIN (ODIA)

**21 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଆଜି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।

- ଆଗାମୀ ବର୍ଷ ବିଏସ୍ଏଫ୍ର ଆଧୁନିକୀକରଣ ଏବଂ କର୍ମଚାରୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବ - କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଆଜି ପାଳନ କରାଯାଉଛି ବିଶ୍ୱ ଟେଲିଭିଜନ ଦିବସ ।

- ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ପାଳନ ଅବସରରେ ସହ ପ୍ରଯୋଜନା ଆଧାରିତ ରାଷ୍ଟ୍ରଦୂତଙ୍କ ଗୋଲଟେବୁଲ ବୈଠକ ପଣଜୀଠାରେ ଅନୁଷ୍ଠିତ ।

ଏବଂ

- ଅଷ୍ଟ୍ରେଲିଆନ ଓପନ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍ର ସେମିଫାଇନାଲରେ ପ୍ରବେଶ କଲେ ଲକ୍ଷ୍ୟସେନ୍ ।

# ପିଏମ୍ - ଜି୨୦

ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହେଉଥିବା ତିନିଦିନିଆ ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜୋହାନ୍ସବର୍ଗରେ ପହଞ୍ଚିବେ । ଦକ୍ଷିଣ ଆଫ୍ରିକାକୁ ଶ୍ରୀ ମୋଦୀଙ୍କର ଏହା ହେଉଛି ଚତୁର୍ଥ ସରକାରୀ ଗସ୍ତ । ୨୦୧୬ରେ ଦ୍ୱିପାକ୍ଷିକ ଗସ୍ତ ଏବଂ ପରେ ୨୦୧୮ ଓ ୨୦୨୩ରେ ଦୁଇଟି ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଦକ୍ଷିଣଆଫ୍ରିକା ଗସ୍ତ କରିଥିଲେ ।

୨୦୧୪ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ଦ୍ୱାଦଶ ଜି-୨୦ ସମ୍ମିଳନୀ । ତିନିଦିନିଆ ଏହି ସମାବେଶ ଅବସରରେ ପ୍ରଧାନମନ୍ତ୍ରୀ ଦକ୍ଷିଣ ବିଶ୍ୱ ପ୍ରସଙ୍ଗ, ସ୍ଥାୟୀ ବିକାଶ, ଶକ୍ତି ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱସ୍ତରରେ ଶାସନ ପ୍ରକ୍ରିୟାରେ ସଂସ୍କାର ଆଦି ପ୍ରସଙ୍ଗକୁ ପ୍ରାଥମିକତା ପ୍ରଦାନ କରି ନିଜର ମତ ଉପସ୍ଥାପନ କରିବେ । ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ଏବଂ ଅନ୍ୟ ବିଶ୍ୱନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଭାରତ-ବ୍ରାଜିଲ-ଦକ୍ଷିଣଆଫ୍ରିକା ବୈଠକରେ ମଧ୍ୟ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଚଳିତବର୍ଷ ଜି-୨୦ ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ସଂହତି, ସମାନତା ଏବଂ ସ୍ଥିରତା' ।

ଦକ୍ଷିଣ ଆଫ୍ରିକାର ଅଧ୍ୟକ୍ଷତାରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ବିପର୍ଯ୍ୟୟ ମୁକାବିଲା, ଆର୍ଥିକ ସ୍ଥିତିରେ ଦୁର୍ବଳ ଥିବା

ଦେଶଗୁଡ଼ିକ ପାଇଁ ଋଣ ପ୍ରଦାନ ନିରନ୍ତରତାକୁ ସୁନିଶ୍ଚିତ କରିବା, ନ୍ୟାୟପୂର୍ଣ୍ଣ ଶକ୍ତି ପରିବର୍ତ୍ତନ ପାଇଁ ଅର୍ଥ ସଂଗ୍ରହ, ସ୍ଥାୟୀ ଅଭିବୃଦ୍ଧି ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସୁ-ବିନିଯୋଗ ଆଦି ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବ ବୋଲି ଜଣାପଡିଛି ।

ଶିଖର ସମ୍ମିଳନୀରେ ଯୋଗଦେବାକୁ ଗସ୍ତ କରିବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବସୁଧୈବ କୁଟୁମ୍ବକମ୍ ଏବଂ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତର ଦୃଷ୍ଟିକୋଣ ଆଧାରରେ ପ୍ରଧାନମନ୍ତ୍ରୀ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିବେ । ୨୦୨୩ ମସିହାରେ ଭାରତର ଅଧ୍ୟକ୍ଷତା ଅବସରରେ ଆଫ୍ରିକୀୟ ସଂଘ ଜି-୨୦ର ସଦସ୍ୟଭୁକ୍ତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କୁ ଭେଟିବା ପାଇଁ ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି ।

## ଅମିତ ଶାହା-ଗୁଜୁରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଆଗାମୀ ବର୍ଷ ସୀମା ସୁରକ୍ଷା ବାହିନୀ ବିଏସ୍ଏଫ୍‌ର ଆଧୁନିକୀକରଣ ଏବଂ ଏହାର କର୍ମଚାରୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବ । ଗୁଜୁରାଟର ଭୁଜଠାରେ ବିଏସ୍ଏଫ୍‌ର ହୀରକ ଜୟନ୍ତୀ ପ୍ରତିଷ୍ଠା ଦିବସ ସମାରୋହରେ ସମ୍ବୋଧନ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ସୀମା ସୁରକ୍ଷାରେ ନୂତନ କୌଶଳ ଅବଲମ୍ବନ କରିବାରେ ବିଏସ୍ଏଫ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଏସ୍ଏଫ୍‌ର ସଫଳତା

ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି ନିଶା ବିରୋଧି ଅଭିଯାନ ଅବସରରେ ବିଏସ୍ଏଫ୍ ୧୨ଲକ୍ଷ ୯୫ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରିଛି । ଏହା ଏକ ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ।

ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ପାଇଁ ବିଏସ୍ଏଫ୍ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଛତିଶଗଡରେ ବିଏସ୍ଏଫ୍ର କାର୍ଯ୍ୟାନୁଷ୍ଠାନ ଯୋଗୁଁ ୧୨୭ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ୭୩ଜଣଙ୍କୁ ଗିରଫ ଏବଂ ୨୨ଜଣ ନିହତ ହୋଇଛନ୍ତି ।

**V/O (AMIT-SHAH--FIRST-RESPONDER)**

ଜାତୀୟ ସୁରକ୍ଷା ଏବଂ ରାଜନୈତିକ ନେତୃତ୍ୱଜନିତ ନିଷ୍ପତ୍ତି କେବଳ ଭାରତର ନାଗରିକଙ୍କ ଉପରେ ନିର୍ଭର କରେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି । ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ବାହାର କରିବା ପାଇଁ ସରକାର ସଂକଳ୍ପବଦ୍ଧ । ନିର୍ବାଚନ କମିଶନଙ୍କ ଦ୍ୱାରା ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ସମର୍ଥନ ପ୍ରଦାନ କରିବାକୁ ଶ୍ରୀ ଶାହା ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଗଣତନ୍ତ୍ରକୁ ସୁରକ୍ଷିତ ଏବଂ ସ୍ୱଚ୍ଛ ରଖିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ବୋଲି ସେ ଉଲ୍ଲେଖ କରିଛନ୍ତି ।

ହୀରକ ଜୟନ୍ତୀ ପାଳନ ସମାରୋହ ଅବସରରେ ଶ୍ରୀ ଶାହା ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିବା ସହ ସ୍ୱତନ୍ତ୍ର ପରେଡ୍ରେ ଅଭିବାଦନ ଗ୍ରହଣ କରିଥିଲେ ।

# ସୀତାରମଣ-ପ୍ରି ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଭିତ୍ତିଭୂମି, ଶକ୍ତି କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହିତ ଏକାଦଶ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ପରିପ୍ରେକ୍ଷୀରେ ଏହି ବୈଠକ ଆୟୋଜନ କରାଯାଇଛି । ବୈଠକରେ ଶକ୍ତି, ବନ୍ଦର, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସଚିବଙ୍କ ସମେତ ରେଲବୋର୍ଡର ଚେୟାରମ୍ୟାନ୍ ଏବଂ ଭାରତ ସରକାରଙ୍କ ମୁଖ୍ୟ ଆର୍ଥିକ ଉପଦେଷ୍ଟା ଉପସ୍ଥିତ ଥିଲେ । ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଗତକାଲି ଶିଳ୍ପସଂଘ, ଶ୍ରମିକ ସଂଗଠନ, ପର୍ଯ୍ୟଟନ ଓ ସେବା କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ମଧ୍ୟ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ କରିଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ବଜେଟ୍ ପୂର୍ବରୁ ବିଭିନ୍ନ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଏବଂ ବିଭିନ୍ନ ରାଜ୍ୟ ଅଧିକାରୀମାନଙ୍କ ସହିତ ପ୍ରତିବର୍ଷ ପ୍ରାକ୍-ବଜେଟ୍ ବୈଠକ କରାଯାଇଥାଏ ।

# ବିଶ୍ୱ ଟେଲିଭିଜନ ଦିବସ

ବିଶ୍ୱ ଟେଲିଭିଜନ ଦିବସ ଆଜି ପାଳନ କରାଯାଉଛି । ସୂଚନା, ଶିକ୍ଷା ଏବଂ ଜନମତକୁ ପ୍ରୋତ୍ସାହନ ପ୍ରଦାନ କରିବା ତଥା ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ଟେଲିଭିଜନ । ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ

ସ୍ମରଣ କରିବା ପାଇଁ ୧୯୯୬ ମସିହା ଜାତିସଂଘ ସାଧାରଣ ପରିଷଦ ବୈଠକରେ ନଭେମ୍ବର ୨୧ ତାରିଖକୁ ଟେଲିଭିଜନ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଟେଲିଭିଜନ ରେଡିଓର ଏକ ବିକଶିତ ରୂପ ଭାବରେ ବିବେଚନା କରାଯାଏ । କଳାଧଳାରୁ ରଂଗୀନ ଟେଲିଭିଜନ ଏବଂ ବର୍ତ୍ତମାନର ସ୍ମାର୍ଟ ଟେଲିଭିଜନର ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଭାରତର ଟେଲିଭିଜନ ନେଟଓ୍ୱର୍କ ଦେଶବ୍ୟାପୀ ୨୩କୋଟି ପରିବାରର ୯୦କୋଟି ଲୋକଙ୍କୁ ସଂଯୋଗ କରିପାରିଛି । ଚଳିତବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୯୧୮ଟି ଘରୋଇ ସାଟେଲାଇଟ୍ ଚ୍ୟାନେଲ ଦେଶର ପ୍ରସାରଣ ଇକୋ ସିଷ୍ଟମକୁ ପ୍ରତିଫଳନ କରୁଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରସାରଭାରତୀ ତତ୍ତ୍ୱାବଧାନରେ ଦେଶବ୍ୟାପୀ ଏହି ଦିବସ ପାଳନ କରାଯାଉଛି । ୧୯୫୯ ମସିହା ସେପ୍ଟେମ୍ବର ୧୫ ତାରିଖାରେ ଅଲ୍ ଇଣ୍ଡିଆ ରେଡ଼ିଓ ନେଟଓ୍ୱର୍କ ମାଧ୍ୟମରେ ପରୀକ୍ଷାମୂଳକ ଭାବେ ଟେଲିଭିଜନ ପ୍ରସାରଣ କରାଯାଇଥିଲା । ୧୯୬୫ ମସିହାରେ ଟେଲିଭିଜନର ନିୟମିତ ଦୈନିକ ପ୍ରସାରଣ ଆରମ୍ଭ ହୋଇଥିଲା । ଏହି ପଦକ୍ଷେପ ଅଲ୍ ଇଣ୍ଡିଆ ରେଡ଼ିଓ ମଧ୍ୟରେ ଦୂରଦର୍ଶନକୁ ଏକ ଉତ୍ସର୍ଗୀକୃତ ଟେଲିଭିଜନ ସେବା ଭାବେ ପ୍ରତିଷ୍ଠା କରିପାରିଥିଲା । ଦେଶର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ର ଗତବର୍ଷ ୨ ଦଶମିକ ୫ ଟ୍ରିଲିୟନ ଟଙ୍କା

ଅର୍ଥନୀତିରେ ପରିଣତ ହୋଇଥିବାବେଳେ ଆସନ୍ତା ୨୦୨୭ ସୁଦ୍ଧା ଏହା ୩ ଟ୍ରିଲିୟନ ଟଙ୍କାକୁ ଅତିକ୍ରମ କରିବ ବୋଲି ଆଶା କରାଯାଉଛି ।

## ରାଜୀବ ଲୋଚନ–ମତ୍ସ୍ୟ ଦିବସ

କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଗୋପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କହିଛନ୍ତି ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି । ମୋଟ୍ ବିଶ୍ୱ ମତ୍ସ୍ୟ ଉତ୍ପାଦନରେ ଭାରତର ଅଂଶ ୮ ପ୍ରତିଶତ ଅଛି । ଆଜି ବିଶ୍ୱ ମତ୍ସ୍ୟଦିବସ ପାଳନ ଅବସରରେ ନୂଆଦିଲ୍ଲୀରେ ଶ୍ରୀ ସିଂହ ବାର୍ତ୍ତା ଦେଇ କହିଛନ୍ତି ମତ୍ସ୍ୟ ରପ୍ତାନୀ ଓ ଉତ୍ପାଦନକୁ ବିକଶିତ କରିବା ପାଇଁ ଅଂଶୀଦାର ମାନଙ୍କୁ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବାକୁ ପଡିବ । ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଗୋଟିଏ ଦଶନ୍ଧି ମଧ୍ୟରେ ୯୬ଲକ୍ଷ ଟନ୍ ମତ୍ସ୍ୟ ଉତ୍ପାଦନ ଏବେ ୧୯୫ ଲକ୍ଷ ଟନ୍‌ରେ ପହଞ୍ଚିଛି । ଚଳିତବର୍ଷ ବିଷୟବସ୍ତୁ ରହିଛି 'ସାମୁଦ୍ରିକ ଖାଦ୍ୟ ରପ୍ତାନୀରେ ମାନ ବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନୀଳ ରୂପାନ୍ତରଣ' ।

## ଇଫି

ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ "ଇଫି" ପାଳନ ଅବସରରେ ଆଜି ଗୋଆର ପଣଜିଠାରେ ସହ ପ୍ରଯୋଜନା ଆଧାରିତ ରାଷ୍ଟ୍ରଦୂତଙ୍କ ଗୋଲ୍‌ଟେବୁଲ ବୈଠକ ଅନୁଷ୍ଠିତ ହୋଇଛି । ସୂଚନା ଓ ପ୍ରସାରଣ

ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ ଏଥିରେ ଅଧ୍ୟକ୍ଷତା କରିଛନ୍ତି । ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସହ ପ୍ରଯୋଜନା କ୍ଷେତ୍ରକୁ ଅଧିକ ବ୍ୟାପକ କରିବା, ବିଶ୍ୱ ଚଳଚ୍ଚିତ୍ର ମହୋତ୍ସବରେ ଭାରତୀୟ ସିନେମାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଚଳଚ୍ଚିତ୍ର କ୍ଷେତ୍ରରେ ଆଣ୍ଟି ପାଇରେସି ପଦକ୍ଷେପକୁ ସୁଦୃଢ଼ କରିବା ନେଇ ବୈଠକରେ ଆଲୋଚନା ହୋଇଛି । ଡକ୍ଟର ମୁରୁଗନ ଅଧିକ ଅନ୍ତର୍ଜାତୀୟ ସହ ପ୍ରଯୋଜନା ପାଇଁ ଆହ୍ୱାନ ଦେବା ସହ ଭାରତକୁ ଏ କ୍ଷେତ୍ରରେ ଏକ ବିଶ୍ୱ ଷ୍ଟୁଡିଓ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଆଗାମୀ ୧୦ବର୍ଷ ମଧ୍ୟରେ ଘରୋଇ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ର ୩୧ ବିଲିୟନ ଡଲାରରୁ ଅଧିକ ହେବା ନେଇ ଆଶା କରାଯାଉଛି ବୋଲି ଡକ୍ଟର ମୁରୁଗାନ କହିଛନ୍ତି । ସେ କହିଛନ୍ତି ଆନ୍ତର୍ଜାତିକ ସହ ପ୍ରଯୋଜନା ଭାରତ ଏବଂ ଏହାର ପ୍ରବାସୀ ଦର୍ଶକଙ୍କ ପାଇଁ ଏକ ନୂତନ ମାର୍ଗ ଉନ୍ମୁକ୍ତ କରିବ ।

ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏଥିରେ ଯୋଗଦେଇ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବ୍ୟାପକ ଆନ୍ତର୍ଜାତିକ ସହଯୋଗ ସକାଶେ ଆହ୍ୱାନ କରିଥିଲେ । ଏହି ଗୋଲ୍‌ଟେବୁଲ ବୈଠକରେ ଟୋଗୋ, ମରକ୍କୋ, ଆର୍ୟାଲ୍ୟାଣ୍ଡ, କ୍ୟୁବା, ଅଷ୍ଟ୍ରେଲିଆ, ନେପାଳ, ଇସ୍ରାଏଲ, ଗାଏନା ଏବଂ ଆଇଭରିକୋଷ୍ଟ ରାଷ୍ଟ୍ରଦୂତଗଣ ଅଂଶଗ୍ରହଣ କରିଥିଲେ ।

# ଅଷ୍ଟ୍ରେଲିଆନ ଓପନ

ଭାରତୀୟ ବ୍ୟାଡମିଣ୍ଟନ ତାରକା ଲକ୍ଷ୍ୟ ସେନ ସାଥୀ ଖେଳାଳି ଆୟୁଷ ସେଠୀଙ୍କୁ ୨୩-୨୧ ଓ ୨୧-୧୧ ପଏଣ୍ଟରେ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ବ୍ୟାଡମିଣ୍ଟନ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଅନ୍ୟପକ୍ଷରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟୀ ଯୋଡ଼ି ଇଣ୍ଡୋନେସିଆର ଫଜର ଆଲଫିଆନ ଓ ମହମ୍ମଦ ସୋହିବୁଲ ଫିକ୍ରିଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଏଚ୍.ଏସ୍. ପ୍ରଣୟ ଓ କିଦାମ୍ବି ଶ୍ରୀକାନ୍ତ ନିଜ ନିଜ ମ୍ୟାଚ୍‌ରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି ।